# Akashvani, Sambalpur

## SAMBALPURI NEWS BULLETIN

### 3 January 2025- 6.47- 6.52 am.

*********************************************

ନୂଆଁ ରାଜ୍ୟପାଲ୍ ଶପଥ୍ ହି.ସ.

ରାଜ୍ୟର୍ ନୂଆଁ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପତି ଆଏଜ୍ ଶପଥ୍ ନେବେ । ସଖାଲର୍ ୧୦ ବାଜିକରି ୧୫ ମିନିଟ୍‌ଥି ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍‌ର ନ୍ୟୁ ଅଭିଷେକ୍ ହଲ୍ ଠାନେ ହେବାର୍‌କେ ଥିବା ଶପଥ୍ ସମାରୋହଥି ଶ୍ରୀ କମ୍ଭମ୍‌ପତି ପଦ ଆର୍ ଗୋପନୀୟତାର୍ ଶପଥ୍ ନେବେ । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଚକ୍ରଧାରୀ ଶରଣ୍ ସିଂ ତାଙ୍କୁ ଶପଥ୍ ପାଠ କରାବେ । ଗଲାକାଏଲ୍ ଉପର୍‌ବେଲା ସେ ଓଡ଼ିଶା ପୁହୁଁଚିବାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ସ୍ୱାଗତ୍ ଜନେଇଥିଲେ ।

କେବିନେଟ୍ ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଇ ବଛ୍‌ରର୍ ପହେଲା କେବିନେଟ୍ ବୈଠକ୍ ଆଏଜ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ବେଲ୍‌ବୁଡ଼ର୍ ସାଢ଼େ ୫ ବଜେ ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ଠାନେ ବୈଠକ୍ ହେବା । ନୂଆଁ ବଛ୍‌ରର୍ ପହେଲା କେବିନେଟ୍ ବୈଠକ୍‌ଥି କେତେଟା ବଡ଼ ଘୋଷ୍‌ନା ସହେତେ ପାଖାପାଖି ୮ ଟା ପ୍ରସ୍ତାବ୍‌କେ ମଞ୍ଜୁରୀ ମିଳିପାରେ ବଲି ଆଶ୍ କରାଯାଉଛେ ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

୭୭ ନମ୍ବର୍ ବର୍‌ଗଡ଼୍ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍ ଆଏଜ୍‌ଠାନୁ ମୁଳ୍ ହେଉଛେ । ଆଏଜ୍‌ଠାନୁ ୧୧ ଦିନ୍‌ତକ୍ ବର୍‌ଗଡ଼୍ ସହର୍ ମଥୁରା ନଗରୀ ସାଜ୍‌ବା ଆର୍ ମହାରାଜ୍ କଂସଙ୍କର୍ ରାଜୁତି ଚାଲ୍‌ବା । ଅମାପାଲି ଗାଁ ଗୋପପୁର ପାଲ୍‌ଟି ଯିବା ଆର୍ କୃଷ୍ଣ ବଲରାମ୍‌ଙ୍କର୍ ବାଲ୍ୟଲୀଳା ଦେଖ୍‌ବା । ଧନୁଯାତ୍ରାକେ ନେଇକରି ସାରା ସହର୍ ଚଲ୍‌ଚଂଚଲ୍ ହେଇଉଠିଛେ । ହାଟ୍‌ପଦା ଠାନେ ରାଜ୍‌ଦର୍‌ବାର୍ ଆର୍ ନିଶାମଣି ହାଇସ୍କୁଲ୍ ପଡ଼ିଆଠାନେ ଭବ୍ୟ ରଙ୍ଗମହଲ୍ ତିଆର୍ ହେଇଛେ । ବର୍‌ଗଡ଼୍ ସହର୍ ପ୍ରବେଶ୍

ପଥ ନ ଗୁଟେ ସ୍ଥାୟୀ ତୋରଣ୍‌କେ ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ଗଲାକାଏଲ୍ ଉଦ୍‌ଘାଟନ୍ କରିଛନ୍ ।

କୃଷି ଓଡ଼ିଶା ସମ୍ମିଳନୀ I&PR

ଭୁବ୍‌ନେଶ୍ୱର୍ ବରମୁଣ୍ଡା ବିଜୁ ପଟ୍ଟନାୟକ୍ ପଡ଼ିଆଠାନେ କୃଷି ଓଡ଼ିଶା -୨୦୨୫ ଆଏଜ୍ ଦିନର୍ ୧୦ ବାଜିକରି ୩୦ ମିନିଟ୍‌ଥି ମୁଲ୍ ହେବା । ରାଜ୍ୟ କୃଷି ଆର୍ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ ୩ ଦିନ୍ ତକ୍ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଉଦ୍‌ଘାଟନ୍ କର୍‌ବେ । ଇ ଉଧେ ଉପମୁଖ୍ୟମନ୍ତ୍ରୀ ଆର୍ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ସହେତେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ୍ ଦେବେ । କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଇଲାକାନୁ ୧୦ ହଜାର୍ ଚାଷୀ, ମହିଳାଚାଷୀ, ଏସ୍‌ଏଚ୍‌ଜି ସଦସ୍ୟ, କୃଷକ୍ ଉତ୍ପାଦନ୍ ଗୋଷ୍ଠୀ, ପାଣିପଂଚାୟତ୍ ସଦସ୍ୟ ଆଉ ଗବେଷକ ମାନେ ଯୋଗ୍ ଦେବେ । ୨ ଶହ ନୁ ଅଏତ୍‌କା ଷ୍ଟଲ୍‌ଥି ଚାଷ୍ ଦରବ୍ ଆର୍ ଯନ୍ତ୍ରପାତି ପ୍ରଦର୍ଶିତ ହେବା । ରାଜ୍ୟର୍ ସଫଲ୍ ଚାଷୀମାନ୍‌କୁ ସମ୍ବର୍ଦ୍ଧିତ ଭିଲ୍ କରାଯିବା ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୬ ତାରିଖ୍ ଦିନ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ଝାର୍ସୁଗୁଡ଼ା ଝାର୍ସୁଗୁଡ଼ା ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଦିନ୍‌କିଆ ଝାର୍ସୁଗୁଡ଼ା ଗସ୍ତ କରିକରି ଜିଲ୍ଲା ମହୋତ୍ସବ୍ -ଦୁଲ୍‌ଦୁଲି ଉଦ୍‌ଘାଟନ୍ କରିଥିଲେ । ଇ ଉଧେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇକରି କହିଥିଲେ ଯେ, ଆଏବା ଦିନେ ଝାର୍ସୁଗୁଡ଼ା ଶିଳ୍ପ ଆର୍ ବାଣିଜ୍ୟର୍ ବର୍‌କସ୍ କେନ୍ଦ୍ରସ୍ଥଲ୍ ହେବା । ରାଜସ୍ଥାନ୍‌ର ଜୈସଲ୍‌ମେର୍‌ଠାନେ ହେଇଥିବା ଅର୍ଥମନ୍ତ୍ରୀଙ୍କର୍ ସମ୍ମିଲନୀଥି ଝାର୍ସୁଗୁଡ଼ା ନ ଗୁଟେ ଶିଳ୍ପପାର୍କ ଲାଗି ସେ ପ୍ରସ୍ତାବ୍ ରଖିଥିଲେ । ଦେଶ୍ ଆର୍ ଦେଶ୍ ବାହାରର୍ ଶିଳ୍ପପତିମାନେ ଓଡ଼ିଶା ନ

ପୁଞ୍ଜିନିବେଶ୍ କର୍ବାର୍ ଲାଗି ଆଗ୍ରହୀ ହଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗସ୍ତ ଅବ୍ସରେ ମୁଖ୍ୟମନ୍ତ୍ରୀ ବାବା ଝାଡ଼େଶ୍ୱର୍ଙ୍କର୍ ଦର୍ଶନ୍ କର୍ବାର୍ ସହେତେ ୨ କୋଟି ଟଙ୍କାଥି ହେବାର୍କେ ଥିବା ଇକୋ ପାର୍କର ଶିଲାନ୍ୟାସ୍ କରିଥିଲେ । ସହରର୍ ମଙ୍ଗଲ୍ ବଜାର୍ ନ ୨୪ ଘଂଟିଆ ଡାକ୍ତର୍ଖାନା ଖୁଲ୍ବା ବଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଭିଲ୍ ଦେଇଥିଲେ ।

ଜେଇଇ ମେନ        ଆର୍ଏନ୍ୟୁ /ସମ୍ବଲପୁର

ଆଏବା ୨୨ ତାରିଖ୍ନୁ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ -୨୦୨୫ ମୁଲ୍ ହେବା । ପରୀକ୍ଷା ୨ ଟା ସିଫ୍ଟଥି ଜାନୁଆରୀ ୩୦ ତାରିଖ୍ତକ୍ ଚାଲ୍ବା । ଇ ବାବ୍ଦେ ଜାତୀୟ ପରୀକ୍ଷା ଏଜେନ୍ସି- ଏନ୍ଟିଏ ତର୍ଫୁ କାର୍ଯ୍ୟସୂଚୀ ଜାରି କରାଯାଇଛେ । ଇ ବାବ୍ଦେ ସବୁ ସୂଚ୍ନା ଏନ୍ଟିଏ ୱେବ୍ସାଇଟ୍ www.nta.ac.in ନ ମିଲିପାର୍ବା ।

ରତ୍ନଭଣ୍ଡାର୍ ମରାମତି        ଆର୍ଏନ୍ୟୁ /ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍ ମରାମତି କାମ୍ ଆଏଜ୍‌ଠାନୁ ଫେର୍ ମୁଲ୍ ହେବା । ନୂଆବଛ୍‌ରେ ଭକ୍ତଙ୍କର୍ ଭିଡ଼୍‌କେ ଦେଖିକରି ଗଲାମାସର୍ ୨୪ ତାରିଖ୍ ଠାନୁ ଗଲାକାଏଲ୍‌ତକ୍ ଶ୍ରୀମନ୍ଦିର୍ ପ୍ରଶାସନ୍ ରତ୍ନଭଣ୍ଡାର୍ ମରାମତି କାମ୍‌କେ ବନ୍ଦ୍ ରଖିଥିଲା । ଭିଡ଼୍ କମ୍‌ବାର୍ ଉତ୍‌ରୁ ସର୍‌କାର୍ ଜାରି କରିଥିବା ଏସ୍‌ଓପି ଅନ୍‌ସାରେ ଆଏଜ୍‌ଠାନୁ ଫେର୍‌ଘାଏ ମରାମତି କାମ୍ ମୁଲ୍ ହେବା ବଲି ପୁରୀ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ ସୂଚ୍‌ନା ଦେଇଛନ୍ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ମେଚ୍ ହେବା ।
ଗଲାକାଏଲ୍ ହେଇଥିବା ମେଚ୍‌ଥି ୟୁପି ରୁଦ୍ରାସ୍ ଦଲ୍ ୩-ଶୂନ୍ ଗୋଲ୍‌ଥି ସୁର୍‌ମା ହକି କ୍ଲବ୍‌କେ ହରେଇଥିଲା ।